# ଭୁଲିନାଇଁ

## -ନୀଳାମ୍ବର ରଥ

ପଛରେ ଛାଡ଼ିଆସିଚି

କେତେ ସତୀର୍ଥ, ସଜ୍ଜନ

କେତେ ଫୁଲଫୁଟା ରାତି

ତମର ଚୋରା, ଚଞ୍ଚଳ ଚାହାଣୀ ପରି

କେତେ ମୁଗ୍ଧ ସ୍ମୃତି ।

କାହା ଓଠରେ ଫୁଟେଇଚି ଫଗୁଣ

ଫୁଲରେ ଭରିଦେଇଚି

କା'ର ଅଗଣା

କା ଆଖିରୁ ବୁହେଇଚି

ଲୁହର ନଈ,

ଭୁଲିନାଇଁ ।

ଛୋଟ ଗୋଟେ

ସ୍ମୃତିର ପେଡ଼ିରେ ମୋର

ଢେର କଥା ସଜାଡ଼ି, ସାଇତି ରଖିଛି ।

କେତେ ଗହଳ ଅଂଧାର ବେଳାରେ

ବୋଉର ବରାଭୟର ଛାତି

କେତେ ସୁଖ-ଶୀତ ସକାଳରେ

କଅଁଳ ଖରାର କୁହୁକ

ପଦୁଅଁ ତୋଳା, କଇଁମାଳ ଗୁନ୍ଥା

ସାଂଗସାଥୀ ମେଳରେ

ଛଳଛଳ ଗାଁର ଜୀବନ,

ଖୁଦୁରୁକୁଣୀ କି ପଲଟଣ

ସାଇ କି ସାଇ,

ଭୁଲିନାଇଁ ।

କେତେ ପ୍ରତ୍ୟାଶା ପଛକୁ ପକେଇ

ମାଡ଼ିଆସିଛି ଏଯାଏଁ

କେତେ ପରାଜୟର ଗ୍ଲାନିବୋଧ

ମୁଣ୍ଡରୁ ଉତାରି

ଠିଆହେଇଛି ସଳଖି ହେଇ

କେତେ ନେଇଛି କାହାଠୁଁ

କେତେ ଦେଇଛି

ସବୁ ମନେଅଛି ।

ଅନାହୂତ ସମୟ ଲାଗି ଡର ନାହିଁ

କିଏ ମାପୁଛି ମାପୁ-

ତାକୁ ଦେଇଛି କେତେ କୃତଜ୍ଞତା

କିଏ ମାଗିବ ସଂପର୍କ, ସୋହାଗ, ମାଗୁ-

ସିଂଦୂରର ଭାଗ,

ପୁଣି କାହା ପାଇଁ, ସାଇତିଛି

କେତେ ସରାଗ, ସଂପତ୍ତି !

ଏତେ ଲୋକଙ୍କୁ ବାଣ୍ଟି ଦବାକୁ

ଗୋଟେ ଜନମ,

ଗୋଟେ ଶରୀରଠୁଁ

ଅଧିକା ବୋଲି କିଛି ନାହିଁ ମୋର।

ବେଳ ଆସିଲେ

ବାହୁଡ଼ିଯିବାକୁ ହେବ

ମାୟାର ବୋଝ ଓହ୍ଲେଇଦେଇ

ମାଟିରେ,

ପଛକୁଥିବ ପ୍ରିୟତମ, ଅପୂର୍ଣ୍ଣ-ସ୍ୱପ୍ନ

ଅନାଗତ ସୁଦିନ

ଓ ତମସହ କାଟିବାକୁ ଥିବା

ଅବଶିଷ୍ଟ ଦିନ।

କେତେ ନେଇଛି କାହାଠୁଁ

କେତେ ଦେଇଛି

ସବୁ ମନେଅଛି ।



(ଦୈନିକ 'ସମାଜ'ର ସାପ୍ତାହିକ ସାହିତ୍ୟ ଫର୍ଦ୍ଦରେ ପ୍ରକାଶିତ, ୨୦୦୯)

---

Email: rath.nilambar@gmail.com, Website: nilambarrath.com